୬୪

୧୮/୦୯/୨୦୧୨

# ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

## ବିଜ୍ଞପ୍ତି

### ନୂଆଦିଲ୍ଲୀ, ତାରିଖ : ୦୬.୦୯.୨୦୧୨

ବି.ଏସ.ଆର୍. 669 (E) – ଯେହେତୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ଅଧିନିୟମ, ୨୦୦୬ (୨୦୦୭ ମସିହାର ଅଧିନିୟମ ସଂଖ୍ୟା ୨)ର ଧାରା 14, ଉପଧାରା (1) ଅଧୀନ ଆବଶ୍ୟକତା ଅନୁଯାୟୀ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ବିଜ୍ଞପ୍ତି ସଂଖ୍ୟା ବି.ଏସ୍.ଆର୍. 578 (E), ତା' ୧୯ ଜୁଲାଇ ୨୦୧୨ ଅଧୀନରେ ଏବଂ ସେହି ତାରିଖର ଭାରତ ସରକାରଙ୍କ ରାଜପତ୍ର, ଭାଗ-II, ଅନୁଚ୍ଛେଦ (section) 3, ଉପାନୁଚ୍ଛେଦ (subsection) (1)ରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ସଂଶୋଧନ ନିୟମାବଳୀ, ୨୦୧୨ର ଚିଠା ସେହି ବିଜ୍ଞପ୍ତି ପ୍ରକାଶ କରିଥିବା ରାଜପତ୍ରର ପ୍ରତିଲିପି ଜନସାଧାରଣଙ୍କୁ ଉପଲବ୍ଧ ହେବା ତାରିଖର ତିରିଶ ଦିନ ମଧ୍ୟରେ, ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କର ଆପତ୍ତି ତଥା ପ୍ରସ୍ତାବ ଆହ୍ୱାନ କରି ପ୍ରକାଶିତ ହୋଇଥିଲା;

ଏବଂ ଯେହେତୁ ଉପରୋକ୍ତ ରାଜପତ୍ରର ପ୍ରତିଲିପି ସର୍ବସାଧାରଣଙ୍କୁ ତା' ୨୦ ଜୁଲାଇ, ୨୦୧୨ରେ ଉପଲବ୍ଧ କରାଯାଇଥିଲା;

ଏବଂ ଯେହେତୁ ଉପରୋକ୍ତ ସଂଶୋଧନ ନିୟମାବଳୀର ଚିଠା ପରିପ୍ରେକ୍ଷୀରେ ସର୍ବସାଧାରଣଙ୍କ ଠାରୁ ମିଳିଥିବା ଆପତ୍ତି ଓ ପ୍ରସ୍ତାବମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଯଥାଯଥ ଭାବେ ବିଚାରକୁ ନିଆଯାଇଛି;

ଅତଏବ, ବର୍ତ୍ତମାନ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ଅଧିନିୟମ, ୨୦୦୬ (୨୦୦୭ର ଦ୍ୱିତୀୟ)ର ଧାରା 14, ଉପଧାରା (1) ଏବଂ (2) ଦ୍ୱାରା ପ୍ରଦତ୍ତ କ୍ଷମତାର ଉପଯୋଗ କରି କେନ୍ଦ୍ର ସରକାର ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ନିୟମାବଳୀ, ୨୦୦୮ରେ ସଂଶୋଧନ ନିମନ୍ତେ ନିମ୍ନୋକ୍ତ ନିୟମମାନ ପ୍ରଣୟନ କରୁଅଛନ୍ତି, ଯଥା :

1. (1) ଏହି ନିୟମାବଳୀକୁ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ସଂଶୋଧନ ନିୟମାବଳୀ, ୨୦୧୨ ବୋଲି କୁହାଯାଇପାରେ ।
   (2) ସରକାରୀ ରାଜପତ୍ରରେ ଏହାର ପ୍ରକାଶନ ତାରିଖ ଠାରୁ ଏହା ପ୍ରଭାବକାରୀ ହେବ ।

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**

ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)

ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

2. ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରକୁ ସ୍ୱୀକୃତି) ନିୟମାବଳୀ, ୨୦୦୮ (ଏହା ପରେ ପୂର୍ବୋକ୍ତ ନିୟମାବଳୀ ରୂପେ ଉଲ୍ଲିଖିତ)ର ନିୟମ 2, ଉପ-ନିୟମ (1) ରେ-

(i) ଅନୁଧାରା (clause) (b) ସ୍ଥାନରେ ନିମ୍ନୋକ୍ତ ଅନୁଧାରା ପ୍ରତିସ୍ଥାପିତ (substituted) ହେବ, ଯଥା:

(b) "ଜୀବିକାଗତ ନ୍ୟାର୍ଯ୍ୟ ଆବଶ୍ୟକତା"ର ଅର୍ଥ ଅଧିନିୟମର ଧାରା 3, ଉପଧାରା (1)ରେ ସୁନିର୍ଦ୍ଦିଷ୍ଟ ଯେ କୌଣସି ଅଧିକାରର ଉପଯୋଗ ମାଧ୍ୟମରେ ନିଜର ତଥା ପରିବାରର ଆବଶ୍ୟକତା ପୂରଣ କରିବା ଏବଂ ଏଭଳି ଅଧିକାରର ଉପଯୋଗର ପରିଣାମ ସ୍ୱରୂପ ଉତ୍ପନ୍ନ ଉଦ୍‌ବୃତ୍ତ ***(ବଳକା)*** ଦ୍ରବ୍ୟ (produce) ଏଥିରେ ଅନ୍ତର୍ଭୁକ୍ତ ହେବ;

(ii) ଅନୁଧାରା (c) ପରେ, ନିମ୍ନୋକ୍ତ ଅନୁଧାରାମାନ ସଂଯୁକ୍ତ ହେବ, ଯଥା:

(ca) "ଗୋଷ୍ଠୀଗତ ଅଧିକାର" ଅର୍ଥ ଧାରା 3, ଉପଧାରା (1) ଅନ୍ତର୍ଗତ ଅନୁଧାରା (b), (c), (d), (e), (h), (i), (j), (k) ତଥା (*l*) ରେ ସୂଚୀଭୁକ୍ତ ଅଧିକାରମାନ:

(iii) ଅନୁଧାରା (d) ସ୍ଥାନରେ ନିମ୍ନୋକ୍ତ ଅନୁଧାରା ପ୍ରତିସ୍ଥାପିତ ହେବ, ଯଥା :

'(d) "ଧାରା ୩, ଉପଧାରା (e) ଅନ୍ତର୍ଗତ ଅନୁଧାରା (c) ଅଧୀନରେ "ଲଘୁ ବନଜାତ ଦ୍ରବ୍ୟର ବିକ୍ରି ବ୍ୟବସ୍ଥା (disposal)" ମଧ୍ୟରେ ବିକ୍ରୟ ଅଧିକାର ସମେତ ବ୍ୟକ୍ତିଗତ କିମ୍ବା ମିଳିତ ପ୍ରକ୍ରିୟାକରଣ, ଭଣ୍ଡାରଣ, ମୂଲ୍ୟଯୋଗ, ଏଭଳି ଦ୍ରବ୍ୟର ପ୍ରାଥମିକ ସଂଗ୍ରହକାରୀ ବା ସେମାନଙ୍କର ସମବାୟ କିମ୍ବା ସଂଘ ଅଥବା ମହାସଂଘ ଦ୍ୱାରା ବ୍ୟବହାର କିମ୍ବା ବିକ୍ରୟ ନିମନ୍ତେ ଜଙ୍ଗଲାଞ୍ଚଳ ମଧ୍ୟରେ ବା ବାହାରକୁ ପରିବହନର ଉପଯୁକ୍ତ ମାଧ୍ୟମ ଦ୍ୱାରା ପରିବହନ ଅନ୍ତର୍ଭୁକ୍ତ ହେବ;

**ବ୍ୟାଖ୍ୟା** : (1) ଲଘୁ ବନଜାତ ଦ୍ରବ୍ୟର ପରିବହନ ଲାଗି ଥିବା ପରମିଟ ନିୟମ ସଂଶୋଧିତ ହେବ ଏବଂ ***(ଏଭଳି ଅନୁମତି ପତ୍ର ବା ପରମିଟ)*** ନିୟମ 4ର ଉପନିୟମ (1) ଅନ୍ତର୍ଗତ ଅନୁଧାରା (e) ଅନୁଯାୟୀ ଗଠିତ କମିଟି କିମ୍ବା ଗ୍ରାମସଭା ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତି ଦ୍ୱାରା ପ୍ରଦାନ କରାଯିବ ।

(2) ପରମିଟ୍ ପାଇବା ଲାଗି ରହିଥିବା କାର୍ଯ୍ୟ-ପଦ୍ଧତିଗତ ଆବଶ୍ୟକତା କୌଣସି ପ୍ରକାରେ ଲଘୁ ବନଜାତ ଦ୍ରବ୍ୟର ବିକ୍ରିବ୍ୟବସ୍ଥା ସମ୍ପର୍କୀୟ ଅଧିକାରକୁ ସଙ୍କୁଚିତ ବା ବ୍ୟାହତ କରିବ ନାହିଁ ।

(3) ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ସମସ୍ତ ପ୍ରକାର ଶୁଳ୍କ ବା ରୟାଲ୍‌ଟି ଆଦିରୁ ମୁକ୍ତ ହେବ ।

3. ପୂର୍ବୋକ୍ତ ନିୟମାବଳୀରେ ନିୟମ ୧ ପରେ ନିମ୍ନୋକ୍ତ ନିୟମ ସ୍ଥାନିତ ହେବ, ଯଥା:

**"2A ପଲ୍ଲୀ ବା ବସତିର ଚିହ୍ନଟୀକରଣ ଏବଂ ସେମାନଙ୍କର ଏକୀକରଣ ପ୍ରକ୍ରିୟା:**

(a) ପ୍ରତ୍ୟେକ ପଞ୍ଚାୟତ, ନିଜର ସୀମା ମଧ୍ୟରେ ଥିବା ପଲ୍ଲୀସମୂହ ବା ବସତି ସମୂହ, ନଥିଭୁକ୍ତ ହୋଇନଥିବା ଅଥବା ସର୍ଭେ ହୋଇନଥିବା ବସତିସମୂହ କିମ୍ବା ବନଗ୍ରାମ ଅଥବା ଟଙ୍ଗୟା ଗ୍ରାମସମୂହ, ଯାହା କୌଣସି ରାଜସ୍ୱ ବା ବନଗ୍ରାମ ରେକର୍ଡ଼ରେ ବିଧିବଦ୍ଧ ଭାବେ ଅନ୍ତର୍ଭୁକ୍ତ ହୋଇନାହିଁ, ସେଗୁଡ଼ିକର ଏକ ସୂଚୀ ବା ତାଲିକା ପ୍ରସ୍ତୁତ କରି ଏଭଳି ପ୍ରତ୍ୟେକ ବସତି ଅଥବା ପଲ୍ଲୀ ସମୂହ ଅଥବା ପଞ୍ଚାୟତର ଏକ ସ୍ୱୀକୃତ-ପ୍ରସ୍ତାବ (resolution) ମାଧ୍ୟମରେ ଅଧିନିୟମର ଉଦ୍ଦେଶ୍ୟ ଅନୁଯାୟୀ ଗ୍ରାମ ରୂପେ ଗ୍ରହଣ କରାଯାଇଥିବା ବସତି ସମୂହରେ ଗ୍ରାମସଭା ଆହ୍ୱାନ କରି ଏହି ସୂଚୀକୁ ଗୃହୀତ କରାଇବ ଓ ସୂଚୀଟିକୁ ଉପଖଣ୍ଡସ୍ତରୀୟ କମିଟିକୁ ପ୍ରଦାନ କରିବ ।

(b) ସେଇ ସବୁ ପଲ୍ଲୀ ଓ ବସତି ଯାହା ବର୍ତ୍ତମାନ କୌଣସି ଗ୍ରାମର ଅଂଶବିଶେଷ ରୂପେ ପରିଗଣିତ ନୁହଁନ୍ତି କିନ୍ତୁ ପଞ୍ଚାୟତର ଅନ୍ତର୍ଗତ ଗ୍ରାମ ବୋଲି ଏକ ସ୍ୱୀକୃତ-ପ୍ରସ୍ତାବ ମାଧ୍ୟମରେ ଗ୍ରହଣ କରାଯାଇଅଛି ଏବଂ ହୁଏତ ବର୍ତ୍ତମାନର ଗ୍ରାମ ସହିତ ଯୋଡ଼ି କିମ୍ବା ପ୍ରଯୁଜ୍ୟ

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

ରାଜ୍ୟ ଆଇନ ଅନୁଯାୟୀ ଅନ୍ୟ କୌଣସି ପ୍ରକ୍ରିୟା ମାଧ୍ୟମରେ ସେଗୁଡ଼ିକର ଗ୍ରାମ ରୂପେ ମାନ୍ୟତାର ବୈଧୀକରଣ କରାଯାଇଅଛି, ସେଗୁଡ଼ିକର ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିର ଉପଖଣ୍ଡସ୍ତରୀୟ ଅଧିକାରୀଗଣ ଏକୀକରଣ କରିବେ ଏବଂ ଏ ସମ୍ପର୍କରେ ଯଦି କିଛି ସର୍ବସାଧାରଣ ମତାମତ ଥାଏ, ତେବେ ତାହାକୁ ବିଚାରକୁ ନେବା ପରେ ଜିଲ୍ଲାସ୍ତରୀୟ କମିଟି ସୂଚୀଗୁଡ଼ିକୁ ଚୂଡ଼ାନ୍ତ କରିବେ ।

(c) ସୂଚୀଗୁଡ଼ିକ ଚୂଡ଼ାନ୍ତ ହୋଇସାରିବା ପରେ ସେହିସବୁ ପଲ୍ଲୀ ଓ ବସତିରେ ***(ଜଙ୍ଗଲ)*** ଅଧିକାରର ମାନ୍ୟତା ତଥା ପ୍ରଦାନ (vesting) କାର୍ଯ୍ୟ ପୂର୍ବସ୍ୱୀକୃତ କୌଣସି ଅଧିକାରକୁ କ୍ଷୁର୍ଣ୍ଣ ନକରି, କରାଯିବ ।

4. ପୂର୍ବୋକ୍ତ ନିୟମ 3 ରେ–

(a) ଉପ–ନିୟମ (1) ରେ "ଅନ୍ତତଃ ଏକ–ତୃତୀୟାଂଶ ସଦସ୍ୟ ଅନୁସୂଚିତ ଜନଜାତିର ହେବେ" ସ୍ଥାନରେ "ଅନ୍ତତଃ ଦୁଇ–ତୃତୀୟାଂଶ ସଦସ୍ୟ ଅନୁସୂଚିତ ଜନଜାତିର ହେବେ" ପ୍ରତିସ୍ଥାନିତ ହେବ ।

(b) ଉପନିୟମ (3) ପରେ ନିମ୍ନୋକ୍ତ ଉପନିୟମ ଯୋଗ କରାଯିବ, ଯଥା:

"(4) ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ସଂଶୋଧନ ନିୟମାବଳୀ, ୨୦୧୨ କାର୍ଯ୍ୟକାରୀ ହେବାର ତାରିଖ ପୂର୍ବରୁ ମାନ୍ୟତା ମିଳିସାରିଥିବା ଜଙ୍ଗଲ ଅଧିକାର ଅଥବା ଦାବିଗୁଡ଼ିକର ଆରମ୍ଭ ହୋଇସାରିଥିବା ଯାଞ୍ଚ ପ୍ରକ୍ରିୟାକୁ ଜଙ୍ଗଲ ଅଧିକାର କମିଟି (ଆଉ) ପୁନର୍ବିଚାର (reopen) କରିବ ନାହିଁ ।

5. ଉକ୍ତ ନିୟମାବଳୀର ନିୟମ 4 ରେ–

(i) ଅନୁଧାରା (e) ପରେ, ନିମ୍ନୋକ୍ତ ଅନୁଧାରା ଯୋଗ କରାଯିବ, ଯଥା :

(f) ଅନୁଧାରା (e) ଅଧୀନରେ ଗଠିତ କମିଟି, ଯାହା ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ହିତରେ ଗୋଷ୍ଠୀ ଜଙ୍ଗଲ ସମ୍ପଦର ଚିରସ୍ଥାୟୀ ଓ ଆନୁପାତିକ ନ୍ୟାୟ ଭିତ୍ତିରେ (equitably) ପରିଚାଳନା ଲାଗି ଏକ ସଂରକ୍ଷଣ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରିବ ଏବଂ ଯେପରି ଉଚିତ ମନେକରିବ, ସେଭଳି ପରିବର୍ତ୍ତନ କରି ଏହି ଯୋଜନାକୁ ବନ ବିଭାଗର ଅଣୁଯୋଜନା ବା କାର୍ଯ୍ୟ ଯୋଜନା ବା ପରିଚାଳନା ଯୋଜନା ସହିତ ଏକୀଭୂତ (integrate) କରାଇବ, ତାହାର ***(କମିଟିର)*** ତଦାରଖ ଓ ନିୟନ୍ତ୍ରଣ କରିବ ।

(g) ପରିବହନ ଲାଗି ଅନୁମତି ପତ୍ର (ପରମିଟ) ପ୍ରଦାନ, ଦ୍ରବ୍ୟ–ବିକ୍ରୟଲବ୍ଧ ଆୟର ଉପଯୋଗ, କିମ୍ବା ପରିଚାଳନା ଯୋଜନାରେ ପରିବର୍ତ୍ତନ ସମ୍ପର୍କରେ କମିଟିର ସମସ୍ତ ନିଷ୍ପତ୍ତିକୁ ଅନୁମୋଦନ କରିବ ।

(ii) ଉପ–ନିୟମ (2) ସ୍ଥାନରେ ନିମ୍ନୋକ୍ତ ଉପ–ନିୟମ ପ୍ରତିସ୍ଥାନିତ ହେବ, ଯଥା:

"(2) ଗ୍ରାମସଭା ବୈଠକରେ କୋରମ ଗ୍ରାମସଭାର ମୋଟ ସଦସ୍ୟ ସଂଖ୍ୟାର ଅର୍ଦ୍ଧେକରୁ କମ୍ ହେବ ନାହିଁ :
ଏହି ସର୍ତ୍ତରେ ଯେ ଉପସ୍ଥିତ ସଦସ୍ୟ ସଂଖ୍ୟାର ଅନ୍ତତଃ ଏକ–ତୃତୀୟାଂଶ ମହିଳା ହୋଇଥିବେ:
ପୁଣି ମଧ୍ୟ, ଯେଉଁଠି ଜଙ୍ଗଲ ଅଧିକାର ଦାବି ସଂକ୍ରାନ୍ତୀୟ ସ୍ୱୀକୃତ–ପ୍ରସ୍ତାବ ଗ୍ରହଣ କରାଯିବାକୁ ଥିବ, ଜଙ୍ଗଲ ଅଧିକାରର ଦାବିଦାର କିମ୍ବା ସେମାନଙ୍କ ପ୍ରତିନିଧିଙ୍କର ଅନ୍ତତଃ ୫୦% ସେଠାରେ ଉପସ୍ଥିତ ରହିବେ:
ଆହୁରି ମଧ୍ୟ, ଏଭଳି ସ୍ୱୀକୃତ–ପ୍ରସ୍ତାବ ଉପସ୍ଥିତ***(ସଦସ୍ୟ)***ଙ୍କର ସାଧାରଣ ବହୁମତ ତଥା ଭୋଟଦାନ ମାଧ୍ୟମରେ ଗୃହୀତ ହେବ ।

6. ପୂର୍ବୋକ୍ତ ନିୟମାବଳୀର ନିୟମ ଅନ୍ତର୍ଗତ ଅନୁଧାରା (*l*) ସ୍ଥାନରେ ନିମ୍ନୋକ୍ତ ଅନୁଧାରା ପ୍ରତିସ୍ଥାନିତ ହେବ, ଯଥା:

"(*l*) ଏହି ନିୟମାବଳୀର ପରିଶିଷ୍ଟ–I (ଫର୍ମ କ, ଖ ଓ ଗ)ରେ ଦିଆଯାଇଥିବା ଦାବି ଦାଖଲ କରିବାର ପ୍ରପତ୍ର (pro-forma) ଦାବିଦାରମାନଙ୍କୁ ସହଜ ଓ ଅବାଧରେ ମିଳିପାରିବା ସୁନିଶ୍ଚିତ କରିବ ।

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

7. ପୂର୍ବୋକ୍ତ ନିୟମାବଳୀର ନିୟମ 8 ରେ –

(i) ଅନୁଧାରା (g) ରେ 'ଏବଂ' ଶବ୍ଦ କାଟିଦିଆଯିବ;

(ii) ଅନୁଧାରା (h) ଶେଷରେ 'ଏବଂ' ଶବ୍ଦ ଯୋଗ କରାଯିବ ।

(iii) ଅନୁଧାରା (h) ଶେଷରେ ନିମ୍ନୋକ୍ତ ଅନୁଧାରା ଯୋଗ କରାଯିବ, ଯଥା:

"(i) ସୁନିଶ୍ଚିତ କରିବ ଯେ ଏହି ନିୟମାବଳୀର ପରିଶିଷ୍ଟ-IV ରେ ନିର୍ଦ୍ଦିଷ୍ଟ କରାଯାଇଥିବାମତେ, ଅଧିନିୟମ ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ପଦ ସଂକ୍ରାନ୍ତୀୟ ସ୍ୱତ୍ୱଲିପି (record of rights) ତଥା ଅଧିକାର-ପତ୍ର ***(title ଯାହାକୁ 'ଶିରୋନାମା' ବୋଲି ଲେଖାଯାଉଛି)***ର ଏକ ପ୍ରମାଣୀକୃତ ପ୍ରତିଲିପି ସଂପୃକ୍ତ ଗ୍ରାମସଭା ଅଥବା ଧାରା 3 ର ଉପଧାରା (1) ଅନ୍ତର୍ଗତ ଅନୁଧାରା (i) ଅଧୀନରେ ଯେଉଁ ଜନଗୋଷ୍ଠୀର ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଧିକାରକୁ ସ୍ୱୀକୃତି ମିଳିଛି, ସେହି ଗୋଷ୍ଠୀକୁ ଦିଆଯିବ ।

8. ପୂର୍ବୋକ୍ତ ନିୟମାବଳୀର ନିୟମ 10 ରେ–

(i) ଅନୁଧାରା (c) ସ୍ଥାନରେ ନିମ୍ନୋକ୍ତ ଅନୁଧାରା ପ୍ରତିସ୍ଥାନିତ ହେବ, ଯଥା:

"(c) ତିନି ମାସରେ ଅନ୍ତତଃ ଥରେ ବୈଠକ କରି ଜଙ୍ଗଲ ଅଧିକାରର ମାନ୍ୟତା ଯାଞ୍ଚ ଓ ପ୍ରଦାନ ପ୍ରକ୍ରିୟା ତଦାରଖ କରିବ; କ୍ଷେତ୍ରୀୟ ସମସ୍ୟାଗୁଡ଼ିକୁ ବିଚାର ତଥା ସମାଧାନ କରିବ ଏବଂ ଏହି ନିୟମାବଳୀରେ ସଂଯୁକ୍ତ ହୋଇଥିବା ପରିଶିଷ୍ଟ V ରେ ଦିଆଯାଇଥିବା ପ୍ରପତ୍ରରେ ଦାବିଗୁଡ଼ିକର ସ୍ଥିତି, ଅଧିନିୟମ ଆବଶ୍ୟକ କରୁଥିବା କାର୍ଯ୍ୟଧାରା (steps)ର ପରିପାଳନ, ଅନୁମୋଦିତ ଦାବିଗୁଡ଼ିକର ବିବରଣୀ, ଅଗ୍ରାହ୍ୟ ହେବା (rejection)ର କାରଣ (ଯଦି କିଛି ଥାଏ), ତଥା ବିଚାରାଧୀନ ଦାବିଗୁଡ଼ିକର ସ୍ଥିତି ସମ୍ପର୍କରେ ନିଜ ଆକଳନ ଭିତ୍ତିରେ ଏକ ତ୍ରୈମାସିକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବ;"

(ii) ଅନୁଧାରା (e) ପରେ ନିମ୍ନୋକ୍ତ ଅନୁଧାରା ସଂଯୁକ୍ତ ହେବ, ଯଥା :

"(f) ଧାରା 3 ର ଉପଧାରା (1) ଅଧୀନ ଅନୁଧାରା (m) ତଥା ଧାରା 4 ର ଉପଧାରା (8) ଅନ୍ତର୍ଗତ ବ୍ୟବସ୍ଥା(provision)ଗୁଡ଼ିକର ପରିପାଳନ***(ଠିକ୍ ଭାବେ ହେଉଛି କି ନାହିଁ ତାହା)***ର ବିଶେଷ ଭାବେ ତଦାରଖ କରିବ ।"

9. ପୂର୍ବୋକ୍ତ ନିୟମାବଳୀର ନିୟମ 11, ଉପ-ନିୟମ (4)ରେ "ଫର୍ମ-ଖରେ ଗୋଷ୍ଠୀ ଜଙ୍ଗଲ ଅଧିକାର" ସ୍ଥାନରେ "ଫର୍ମ-ଖରେ ଗୋଷ୍ଠୀ ଜଙ୍ଗଲ ଅଧିକାର ତଥା ଫର୍ମ-ଗରେ ଧାରା ୩, ଉପଧାରା (1) ଅନ୍ତର୍ଗତ ଅନୁଧାରା (i) ଅନୁସାରେ ଗୋଷ୍ଠୀ ଜଙ୍ଗଲ ସମ୍ପଦ ଉପରେ ଅଧିକାର" ପ୍ରତିସ୍ଥାନିତ ହେବ ।

10. ପୂର୍ବୋକ୍ତ ନିୟମାବଳୀର ନିୟମ 12 ରେ ଉପ-ନିୟମ (i) ରେ ଅନୁଧାରା (e) ପରେ ନିମ୍ନୋକ୍ତ ଅନୁଧାରା ସଂଯୁକ୍ତ ହେବ, ଯଥା:

"(f) ଗୋଷ୍ଠୀ ଜଙ୍ଗଲ ସମ୍ପଦର ପ୍ରଥାନୁମୋଦିତ (customary) ସୀମାର ସୀମାଙ୍କନ ବୟୋଜ୍ୟେଷ୍ଠଙ୍କ ସମେତ ଗ୍ରାମସଭାର ଅନ୍ୟାନ୍ୟ ସଦସ୍ୟ-ଯେଉଁମାନେ କି ଏଭଳି ସୀମା ତଥା ପ୍ରଥାନୁମୋଦିତ ଅଧିକାର-କ୍ଷେତ୍ର ସମ୍ପର୍କରେ ବିଶେଷ ଅଭିଜ୍ଞ, ସେମାନଙ୍କୁ ନେଇ କରିବ;

(g) ଚିହ୍ନଟଯୋଗ୍ୟ ସ୍ଥୂଳଚିହ୍ନ (land mark) ଏବଂ ନିୟମ 13ର ଉପ-ନିୟମ (2)ରେ ନିର୍ଦ୍ଦିଷ୍ଟ ପର୍ଯ୍ୟାପ୍ତ ତଥ୍ୟ-ପ୍ରମାଣ ମାଧ୍ୟମରେ ଗୋଷ୍ଠୀ ଜଙ୍ଗଲ ସମ୍ପଦର ମାନଚିତ୍ର ପ୍ରସ୍ତୁତ କରିବ ଓ ତା' ପରେ, ଏକ ସାଧାରଣ ବହୁମତ ଦ୍ୱାରା ଗ୍ରାମସଭାର ଏକ ସ୍ୱୀକୃତ-ପ୍ରସ୍ତାବ ମାଧ୍ୟମରେ ଏହି ଗୋଷ୍ଠୀ ଜଙ୍ଗଲ ସମ୍ପଦ ***(ସଂକ୍ରାନ୍ତୀୟ)*** ଦାବି ଅନୁମୋଦିତ ହେବ ।

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

**ବ୍ୟାଖ୍ୟା :** ଗୋଷ୍ଠୀ ଜଙ୍ଗଲ ସମ୍ପଦର ସୀମାଙ୍କନ ଆଇନାନୁମୋଦିତ ସୀମା ଯଥା ସଂରକ୍ଷିତ ଜଙ୍ଗଲ, ରକ୍ଷିତ ଜଙ୍ଗଲ, ଜାତୀୟ ଉଦ୍ୟାନ ତଥା ଅଭୟାରଣ୍ୟକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ ଏବଂ ଏଭଳି ସୀମାଙ୍କନ ସେହିସବୁ ଗୋଷ୍ଠୀ ଜଙ୍ଗଲ ସମ୍ପଦର ବ୍ୟବହାର(access), ସଂରକ୍ଷଣ ତଥା ଚିରସ୍ଥାୟୀ ଉପଯୋଗ (sustainable use) ସଂକ୍ରାନ୍ତରେ ***(ସଂପୃକ୍ତ)*** ଜନଗୋଷ୍ଠୀର କ୍ଷମତାକୁ ମାନ୍ୟତା ଦେବ ତଥା ***(ତାହାର)*** ବୈଧୀକରଣ କରାଇବ ।

11. ପୂର୍ବୋକ୍ତ ନିୟମାବଳୀର ନିୟମ 12 ପରେ ନିମ୍ନୋକ୍ତ ନିୟମମାନ ସଂଯୁକ୍ତ ହେବ, ଯଥା :-

**"12A, ଅଧିକାରକୁ ମାନ୍ୟତା ପ୍ରଦାନର କାର୍ଯ୍ୟ ପ୍ରକ୍ରିୟା-**

1) ଜଙ୍ଗଲ ଅଧିକାର କମିଟିଙ୍କ ଠାରୁ ସୂଚନା ପାଇବା ପରେ ବନବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀ ଦାବିଗୁଡ଼ିକର ଯାଞ୍ଚ ତଥା ***(ସଂପୃକ୍ତ)*** ସ୍ଥଳ(site)ରେ ତଥ୍ୟ-ପ୍ରମାଣର ଯାଞ୍ଚ ସମୟରେ ଉପସ୍ଥିତ ରହିବେ ଏବଂ ***(ଏ ସଂକ୍ରାନ୍ତୀୟ)*** ବିବରଣୀରେ ନିଜର ପଦ-ନାମ, ତାରିଖ ତଥା ଟିପ୍ପଣୀ (ଯଦି କିଛି ଥାଏ) ସହିତ ସ୍ୱାକ୍ଷର କରିବେ ।

2) ସେମାନଙ୍କ ପ୍ରତିନିଧି କ୍ଷେତ୍ରୀୟ ଯାଞ୍ଚ ସମୟରେ ଅନୁପସ୍ଥିତ ଥିଲେ ବୋଲି କାରଣ ଦର୍ଶାଇ ଯଦି ବନବିଭାଗ ବା ରାଜସ୍ୱ ବିଭାଗ ପକ୍ଷରୁ ଗ୍ରାମସଭାରେ ଆନୁମୋଦିତ ଦାବି ସମ୍ପର୍କରେ ପରବର୍ତ୍ତୀ ସମୟରେ କୌଣସି ଆପତ୍ତି ଉଠାଯାଏ, ତେବେ ଦାବିଟିକୁ କମିଟି ଦ୍ୱାରା ପୁନଃ-ଯାଞ୍ଚ ପାଇଁ ଆପତ୍ତି ଉଠିଥିବା କ୍ଷେତ୍ରର ଗ୍ରାମସଭା ନିକଟକୁ ପଠାଇ ଦିଆଯିବ ଏବଂ ଯଦି ***(ବିଭାଗୀୟ)*** ପ୍ରତିନିଧିମାନେ ଯାଞ୍ଚ ସମୟରେ ପୁନର୍ବାର ଅନୁପସ୍ଥିତ ରହନ୍ତି, ତେବେ କ୍ଷେତ୍ରୀୟ ଯାଞ୍ଚ ସଂକ୍ରାନ୍ତରେ ଗ୍ରାମସଭାର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ ।

3) ଗ୍ରାମସଭା ଦ୍ୱାରା କୌଣସି ଦାବିର ପରିବର୍ତ୍ତନ ଅଥବା ପ୍ରତ୍ୟାଖ୍ୟାନ ସ୍ଥଳେ କିମ୍ବା ଜିଲ୍ଲାସ୍ତରୀୟ କମିଟିକୁ ଉପଖଣ୍ଡ-ସ୍ତରୀୟ କମିଟି ଦ୍ୱାରା କୌଣସି ଦାବିର ପରିବର୍ତ୍ତନ ଅଥବା ପ୍ରତ୍ୟାଖ୍ୟାନ ପାଇଁ ସୁପାରିଶ କରାଯିବା ସ୍ଥଳେ, ଏଭଳି ନିଷ୍ପତ୍ତି ବା ସୁପାରିଶକୁ ବ୍ୟକ୍ତିଗତ ଭାବେ ***(ସଂପୃକ୍ତ)*** ଦାବିଦାରଙ୍କୁ ଜଣାଇଦିଆଯିବ ଯେପରିକି ସେ ଉପଖଣ୍ଡସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟି - ଯେଉଁଟି ସମୁଚିତ ହେବ, ତାହାକୁ ***(ଏହି ନିଷ୍ପତ୍ତି ବା ସୁପାରିଶ ବିରୁଦ୍ଧରେ)*** ଏକ ଆବେଦନ ପତ୍ର ଷାଠିଏ ଦିନ - ଯାହାକି ଉପରୋକ୍ତ କମିଟିମାନଙ୍କ ଇଚ୍ଛାରେ ଅଧିକ ତିରିଶ ଦିନ ବଢ଼ାଇ ହେବ - ମଧ୍ୟରେ ପଠାଇପାରିବେ ।

4) ଯଦି ଅନ୍ୟ କୌଣସି ରାଜ୍ୟସ୍ତରୀୟ (ସରକାରୀ) ସଂସ୍ଥା ଗ୍ରାମସଭା କିମ୍ବା ଉପଖଣ୍ଡସ୍ତରୀୟ କମିଟିର କୌଣସି ନିଷ୍ପତ୍ତି ବିରୁଦ୍ଧରେ ଆପତ୍ତି କରିବାକୁ ଚାହେଁ, ତେବେ, ଏହା ଉପଖଣ୍ଡସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟି-ଯେଉଁଟି ଯେପରି ପ୍ରଯୁଜ୍ୟ ହେବ, ତାଙ୍କ ଠାରେ ଏକ ଆବେଦନ କରିବେ ଯାହାକୁ କମିଟି ଦାବିଦାରଙ୍କ ***(ଯୁକ୍ତି)*** ଶୁଣିବା ପରେ (ସଂପୃକ୍ତ ସଂସ୍ଥାର ପ୍ରତିନିଧିଙ୍କ ଅନୁପସ୍ଥିତିରେ) ମୀମାଂସା କରିବେ ।

5) କ୍ଷତିଗ୍ରସ୍ତ ଆବଦନକାରୀଙ୍କୁ ନିଜ ଦାବିର ଯଥାର୍ଥତା ପ୍ରମାଣ କରିବା ଭଳି କିଛି ଉପସ୍ଥାପନ କରିବାର ନ୍ୟାୟସଙ୍ଗତ ସୁଯୋଗ ଦେବା ବିନା କୌଣସି ଆବେଦନର ମୀମାଂସା କରାଯିବ ନାହିଁ ।

6) ଯଦି ଗ୍ରାମସଭାର ସ୍ୱୀକୃତ-ପ୍ରସ୍ତାବ ଅସଂପୂର୍ଣ୍ଣ ଅଥବା ପ୍ରଥମ ସମୀକ୍ଷାରେ ଅଧିକ ପରୀକ୍ଷା ଆବଶ୍ୟକ କରୁଥିବାର ମନେହୁଏ, ତେବେ ତା'କୁ ପରିବର୍ତ୍ତିତ ଅଥବା ଅଗ୍ରହ୍ୟ ନକରି ଉପଖଣ୍ଡସ୍ତରୀୟ କମିଟି ବା ଜିଲ୍ଲାସ୍ତରୀୟ କମିଟି ***(ବରଂ ସଂପୃକ୍ତ)*** ଗ୍ରାମସଭା ନିକଟକୁ ପୁନର୍ବିଚାର ଲାଗି ପଠାଇବେ ।

7) ଯେଉଁଠି ଆବଶ୍ୟକ ତଥ୍ୟ-ପ୍ରମାଣ ସହିତ କୌଣସି ଏକ ଦାବିର ସୁପାରିଶ କରି ଗ୍ରାମସଭା ଦ୍ୱାରା ସ୍ୱୀକୃତ-ପ୍ରସ୍ତାବ, ***(କୌଣସି)*** ପରିବର୍ତ୍ତନ ସହିତ ବା ବିନା, ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା କାଏମ ରଖାଯାଏ ଅଥଚ ତାହା ଜିଲ୍ଲାସ୍ତରୀୟ କମିଟିର ଅନୁମୋଦନ ପାଏନାହିଁ, ***(ସେପରି ସ୍ଥଳେ)*** ଜିଲ୍ଲାସ୍ତରୀୟ କମିଟି ଗ୍ରାମସଭା ଅଥବା ଉପଖଣ୍ଡସ୍ତରୀୟ କମିଟିର ସୁପାରିଶ -ଯେଉଁଟି ପ୍ରଯୁଜ୍ୟ ହେଉଥିବ-କୁ ଗ୍ରହଣ ନକରିବାର କାରଣମାନ ବିଶଦ ଭାବେ ଲିପିବଦ୍ଧ କରିବ ଏବଂ ***(ଏହି ସବୁ)*** କାରଣ ସମେତ ଜିଲ୍ଲାସ୍ତରୀୟ କମିଟିର ନିର୍ଦ୍ଦେଶର ଏକ ପ୍ରତିଲିପି ଦାବିଦାର କିମ୍ବା ଗ୍ରାମସଭା କିମ୍ବା ***(ସଂପୃକ୍ତ)*** ଜନଗୋଷ୍ଠୀ-ଯେଉଁଟି ପ୍ରଯୁଜ୍ୟ ହେଉଥିବ- ଙ୍କୁ ଉପଲବ୍ଧ କରାଯିବ ।

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

8) ଧାରା 3, ଉପଧାରା (1) ଅନ୍ତର୍ଗତ ଅନୁଧାରା (a) ଅଧୀନରେ ମାନ୍ୟତା-ପ୍ରାପ୍ତ ନିଜେ ଚାଷ କରିବାର ଭୂ-ସ୍ୱତ୍ୱ (land rights for self cultivation) ବିନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ***(ପ୍ରଯୁଜ୍ୟ)*** ହେବ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ହେବ କୃଷି ସହାୟକ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଲାଗି ଜଙ୍ଗଲ ଜମିର ଉପଯୋଗ ଯଥା: ଗୋ ମହିଷାଦି ପଶୁଙ୍କୁ ରଖିବା, ପାଛୁଡ଼ିବା ତଥା ଅନ୍ୟାନ୍ୟ ଅମଳ-ପର କାର୍ଯ୍ୟ, କିଛି କାଳ ଅନ୍ତରରେ ଚାଷ ନକରି ଛାଡ଼ି ଦିଆଯାଇଥିବା ଜମି (rotational fallow), ବୃକ୍ଷ ଫସଲ (tree crop) ତଥା ***(ଉତ୍ପନ୍ନ)*** ଦ୍ରବ୍ୟର ଭଣ୍ଡାରଣ ।

9) ଏହି ନିୟମାବଳୀର ପରିଶିଷ୍ଟ II, III ଏବଂ IV ରେ ବିନିର୍ଦ୍ଦିଷ୍ଟ କରାଯାଇଥିବାମତେ ***(ଜଙ୍ଗଲ)*** ଅଧିକାରର ବନ୍ଦୋବସ୍ତ ତଥା ଅଧିକାର-ପତ୍ର ଜାରି କରିବାର ପ୍ରକ୍ରିୟା ସମାପ୍ତ ହେବାପରେ ରାଜସ୍ୱ ତଥା ବନ ବିଭାଗ ଏତଦ୍ୱାରା ପ୍ରଦାନ କରାଯାଇଥିବା ଜଙ୍ଗଲ ଜମିର ଏକ ଚୂଡ଼ାନ୍ତ ମାନଚିତ୍ର ପ୍ରସ୍ତୁତ କରିବେ ଏବଂ ସଂପୃକ୍ତ ଅଧିକାରୀମାନେ ପ୍ରଯୁଜ୍ୟ ରାଜ୍ୟ ଆଇନରେ ନଥି ଅଧୁନାତନ (record updation) କରିବାର ନିର୍ଦ୍ଦିଷ୍ଟ ସମୟ ସୀମା ଅଥବା ତିନି ମାସ ଯେଉଁଟି ଶୀଘ୍ର ହୋଇଥିବ, ତା' ମଧ୍ୟରେ ଏତଦ୍ୱାରା ପ୍ରଦାନ କରାଯାଇଥିବା ଜଙ୍ଗଲ ଅଧିକାରକୁ ରାଜସ୍ୱ ଓ ବନ ବିଭାଗୀୟ ରେକର୍ଡ଼ରେ ଅନ୍ତର୍ଭୁକ୍ତ କରିବେ ।

10) ଗ୍ରାମସଭା ଦ୍ୱାରା ସ୍ୱୀକୃତ ପ୍ରସ୍ତାବ ଅଥବା ଉପଖଣ୍ଡସ୍ତରୀୟ କମିଟିର ସୁପାରିଶକୁ ପ୍ରତ୍ୟାଖ୍ୟାନ ଅଥବା ପରିବର୍ତ୍ତିତ କରୁଥିବା ଉପଖଣ୍ଡସ୍ତରୀୟ କମିଟି ତଥା ଜିଲ୍ଲାସ୍ତରୀୟ କମିଟିର ସମସ୍ତ ନିଷ୍ପତ୍ତି ଏଭଳି ପ୍ରତ୍ୟାଖ୍ୟାନ ବା ପରିବର୍ତ୍ତନ - ଯେଉଁଟି ପ୍ରଯୁଜ୍ୟ ହେଉଥିବ, ତା'ର ବିଶଦ କାରଣ ଦର୍ଶାଇବ:

ଏହି ସର୍ତ୍ତରେ ଯେ କେବଳ ବୈଷୟିକ (technical) ବା କାର୍ଯ୍ୟ ପ୍ରକ୍ରିୟାଗତ (procedural) ***(କାରଣ)*** ଭିତ୍ତିରେ ଦାବିଗୁଡ଼ିକର ସୁପାରିଶ ଅଥବା ପ୍ରତ୍ୟାଖ୍ୟାନ କରାଯିବ ନାହିଁ;

ପୁଣି ମଧ୍ୟ, (ଗ୍ରାମସଭା ଅଥବା ଜଙ୍ଗଲ ଅଧିକାର କମିଟି ବ୍ୟତୀତ) ବ୍ଲକ୍ କିମ୍ବା ପଞ୍ଚାୟତ କିମ୍ବା ବନ ***(ବିଭାଗର)*** 'ବିଟ୍' ଅଥବା 'ରେଞ୍ଜ' ସ୍ତରରେ କୌଣସି କମିଟି କିମ୍ବା କୌଣସି ପାହ୍ୟା (rank)ର କୌଣସି ଅଧିକାରୀ ଜଙ୍ଗଲ ଅଧିକାର (ସଂକ୍ରାନ୍ତୀୟ) ଦାବିକୁ ଗ୍ରହଣ କରିବା, ଅଗ୍ରାହ୍ୟ କରିବା, ପରିବର୍ତ୍ତନ ଅଥବା ମୀମାଂସା କରିବା ଲାଗି କ୍ଷମତାପନ୍ନ ହେବେନାହିଁ ।

11) ଉପଖଣ୍ଡସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟି ଦାବିଗୁଡ଼ିକର ମୀମାଂସା କରିବା ବେଳେ ନିୟମ 13ରେ ବିନିର୍ଦ୍ଦିଷ୍ଟ ତଥ୍ୟ ପ୍ରମାଣକୁ ବିଚାରକୁ ନେବେ ଏବଂ ଦାବିର ବିଚାର ଲାଗି କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରକାରର ଲିଖିତ ପ୍ରମାଣ ***(documentary evidence, ଯାହା ମଧ୍ୟରେ ମାନଚିତ୍ର/ନକ୍ସା ଓ ଫଟୋ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ)*** ପାଇଁ ଜିଦ୍ କରିବେ ନାହିଁ ।

**ବ୍ୟାଖ୍ୟା :** (1) ଜୋରିମାନାର ରସିଦ, ଜବରଦଖଲକାରୀଙ୍କ ତାଲିକା, ପ୍ରାଥମିକ ଉଲ୍ଲଂଘନ ରିପୋର୍ଟ, ଜଙ୍ଗଲ ବନ୍ଦୋବସ୍ତ ରିପୋର୍ଟ, ଏବଂ ଯେକୌଣସି ନାମ ଥିବା ଏଇ ପ୍ରକାରର (ଅନ୍ୟାନ୍ୟ) କାଗଜପତ୍ର, ଯାହା ପୂର୍ବ ଔପଚାରିକ (official) କାର୍ଯ୍ୟପ୍ରକ୍ରିୟା ସମୟରେ ଅଥବା ତାହା ବିନା ମିଳିଥିବ, ସେଗୁଡ଼ିକ ***(କଦାପି)*** କୌଣସି ଦାବି ପ୍ରତ୍ୟାଖ୍ୟାନର ଏକମାତ୍ର ଭିତ୍ତି ***(କାରଣ)*** ହେବ ନାହିଁ ।

(2) ଉପଗ୍ରହ ଚିତ୍ର ଏବଂ ପ୍ରଯୁକ୍ତିବିଦ୍ୟାର ଅନ୍ୟାନ୍ୟ ଉପଯୋଗ ସାକ୍ଷ୍ୟପ୍ରମାଣର ଅନ୍ୟାନ୍ୟ ରୂପର ପରିପୂରକ ହୋଇପାରେ, କିନ୍ତୁ ଏଗୁଡ଼ିକୁ ବିକଳ୍ପ (replacement) ରୂପେ ଗ୍ରହଣ କରାଯିବନାହିଁ ।

12B. **ଗୋଷ୍ଠୀ ଅଧିକାରର ମାନ୍ୟତା ପ୍ରଦାନ ପ୍ରକ୍ରିୟା :**

(1) ଧାରା 3, ଉପଧାରା (1) ଅନ୍ତର୍ଗତ ଅନୁଧାରା (e)ରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ପ୍ରକାରେ ବିଶେଷ ଭାବେ ବିପନ୍ନ ଆଦିବାସୀ ଗୋଷ୍ଠୀ (particularly vulnerable tribal groups)ଙ୍କର ବିପନ୍ନତାର ପ୍ରଭେଦକୁ ଦୃଷ୍ଟିରେ ରଖି ବିଶେଷ ଭାବେ ବିପନ୍ନ ଆଦିବାସୀ ଗୋଷ୍ଠୀଙ୍କର ସଂପୃକ୍ତ ପାରମ୍ପରିକ ଅନୁଷ୍ଠାନ ସହିତ ପରାମର୍ଶ କ୍ରମେ ସୁନିଶ୍ଚିତ କରିବ ଯେ ସମସ୍ତ ବିଶେଷ

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

ଭାବେ ବିପନ୍ନ ଆଦିବାସୀ ଗୋଷ୍ଠୀ ଯେପରି ସେମାନଙ୍କର ବସତି-କ୍ଷେତ୍ର (habitat)ର ଅଧିକାର ପା'ନ୍ତି ଏବଂ ସଂପୃକ୍ତ ଗ୍ରାମସଭା ନିକଟରେ, ଆବଶ୍ୟକ ସ୍ଥଳେ ସେମାନଙ୍କ ଗ୍ରାମସଭାର ଅସ୍ଥାୟୀ ସ୍ୱଭାବ ***(floating nature, ଅର୍ଥାତ୍ ଯାହାର ସ୍ଥିରତା ନଥାଏ)*** କୁ ମାନ୍ୟତା ଦେଇ, ବସତି କ୍ଷେତ୍ର ଉପରେ ସେମାନଙ୍କର ଅଧିକାର ଦାବି ***(ଯେପରି)*** ଉପସ୍ଥାପିତ ହୁଏ ।

(2) ଜିଲ୍ଲାସ୍ତରୀୟ କମିଟି ଧାରା 3, ଉପଧାରା (i) ଅନ୍ତର୍ଗତ ଅନୁଧାରା (d)ର ବର୍ଣ୍ଣନା ପ୍ରକାରେ ପଶୁଚାରକ (pasturilist) ଋତୁଭିତ୍ତିକ ଚାରକ (transumant) ଏବଂ (3) ଯାଯାବର (nomadic) ଗୋଷ୍ଠୀଙ୍କର ଦାବିକୁ ସଂପୃକ୍ତ ଗ୍ରାମସଭା ନିକଟରେ ଉପସ୍ଥାପନା ***(ପ୍ରକ୍ରିୟାକୁ)*** ସୁଗମ (facilitate) କରାଇବ ।

(3) ଜିଲ୍ଲାସ୍ତରୀୟ କମିଟି ସୁନିଶ୍ଚିତ କରିବ ଯେ ଧାରା 3, ଉପଧାରା (1) ଅନ୍ତର୍ଗତ ଅନୁଧାରା (i) ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ପଦ-ଯାହାକୁ କି ବନବାସୀମାନେ ଚିରସ୍ଥାୟୀ ଉପଯୋଗ ଲାଗି ପାରମ୍ପରିକ ଭାବେ ସୁରକ୍ଷିତ ଓ ସଂରକ୍ଷିତ କରି ଆସୁଥାଇପାରନ୍ତି-ର ସୁରକ୍ଷା, ପୁନର୍ଜନନ ଅଥବା ସଂରକ୍ଷଣ ଅଥବା ପରିଚାଳନା ସମ୍ପର୍କିତ ଜଙ୍ଗଲ ଅଧିକାର ବନବାସୀ ଥିବା ସମସ୍ତ ଗ୍ରାମରେ ମାନ୍ୟତା ପାଇବ ଏବଂ ***(ଏହାର)*** ଅଧିକାର-ପତ୍ର ***(ମଧ୍ୟ)*** ପ୍ରଦାନ କରାଯିବ ।

(4) ଯେଉଁ କ୍ଷେତ୍ରରେ କୌଣସି ଗ୍ରାମରେ କୌଣସି ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତି ପାଇନାହିଁ, ***(ସେ କ୍ଷେତ୍ରରେ)*** ତା'ର କାରଣମାନ ଜିଲ୍ଲାସ୍ତରୀୟ କମିଟିଙ୍କ ଦ୍ୱାରା ଲିପିବଦ୍ଧ ହେବ ।

(5) ଧାରା 3 ର ଅନୁଧାରା (h) ଅଧୀନରେ ***(ଉଲ୍ଲିଖିତ)*** ବନଗ୍ରାମ (forest village), ***(ଓ)*** ରେକର୍ଡ଼ଭୁକ୍ତ ହୋଇନଥିବା ଜନବସତିର ***(ରାଜସ୍ୱ ଗ୍ରାମ ରୂପେ)*** ପରିବର୍ତ୍ତନ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ସାମଗ୍ରିକ ରୂପେ ଗ୍ରାମର ବାସ୍ତବ ଭୂ-ଉପଯୋଗ (land use) ଯାହା ମଧ୍ୟରେ ବିଦ୍ୟାଳୟ, ଚିକିତ୍ସା ସୁବିଧା ତଥା ସର୍ବସାଧାରଣ ସ୍ଥାନ ଇତ୍ୟାଦି ପାଇଁ ବର୍ତ୍ତମାନ ବା ଭବିଷ୍ୟତରେ ଜନଗୋଷ୍ଠୀଙ୍କ ଆବଶ୍ୟକ ଥିବା ଜମି ମଧ୍ୟ ରହିବ ।

12. ପୂର୍ବୋକ୍ତ ନିୟମାବଳୀର ନିୟମ 13 , ଉପନିୟମ (2) ରେ-

(i) 'ଗୋଷ୍ଠୀ ଜଙ୍ଗଲ ଅଧିକାର' ସ୍ଥାନରେ 'ଗୋଷ୍ଠୀ ଜଙ୍ଗଲ ସମ୍ପଦ' ପ୍ରତିସ୍ଥାନିତ ହେବ ।

(ii) ଅନୁଧାରା (c) ପରେ ନିମ୍ନୋକ୍ତ ଅନୁଧାରାମାନ ସଂଯୁକ୍ତ ହେବ, ଯଥା:

(d) ସରକାରୀ ରେକର୍ଡ଼ କିମ୍ବା ରକ୍ଷିତ ଜଙ୍ଗଲ କିମ୍ବା ଗୋଚର କିମ୍ବା ଅନ୍ୟାନ୍ୟ ଗ୍ରାମ୍ୟ ସର୍ବସାଧାରଣ ଜମି, ନିସ୍ତାରୀ ଜଙ୍ଗଲ ***(ଇତ୍ୟାଦି)*** ରୂପେ ବର୍ତ୍ତମାନ ସଂରକ୍ଷିତ ଜଙ୍ଗଲର ପୂର୍ବରୁ ଥିବା ଶ୍ରେଣୀ ବିଭାଗ :

(e) ପୂର୍ବେ କିମ୍ବା ବର୍ତ୍ତମାନ ପ୍ରଚଳିତ ଥିବା ପାରମ୍ପରିକ କୃଷି"

13. ପୂର୍ବୋକ୍ତ ନିୟମାବଳୀର ନିୟମ 15 ପରେ ନିମ୍ନୋକ୍ତ ନିୟମ ସଂଯୁକ୍ତ ହେବ, ଯଥା:

**"16. ଜଙ୍ଗଲ ଅଧିକାରର ସ୍ୱତ୍ୱାଧିକାରୀମାନଙ୍କୁ ଦାବି ପରବର୍ତ୍ତୀ ସାହାଯ୍ୟ ସହଯୋଗ :**

ରାଜ୍ୟ ସରକାର ତାଙ୍କର ବିଭାଗଗୁଡ଼ିକ ବିଶେଷତଃ ଜଙ୍ଗଲନିବାସୀ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଉତ୍ଥାନ ସହିତ ଜଡ଼ିତ ଆଦିବାସୀ ଓ ସାମାଜିକ କଲ୍ୟାଣ-, ପରିବେଶ ଓ ଜଙ୍ଗଲ-, ରାଜସ୍ୱ-, ଗ୍ରାମ୍ୟ ଉନ୍ନୟନ-, ପଞ୍ଚାୟତିରାଜ, ତଥା ଅନ୍ୟାନ୍ୟ ବିଭାଗ ମାଧ୍ୟମରେ ସୁନିଶ୍ଚିତ କରିବେ ଯେ ଏହି ଅଧିନିୟମ ଅଧୀନରେ ଯେଉଁ ଦାବିଦାରମାନଙ୍କୁ ତଥା ଜନଗୋଷ୍ଠୀମାନଙ୍କ ***(ଜଙ୍ଗଲ)*** ଅଧିକାର ସ୍ୱୀକୃତ ତଥା ନ୍ୟସ୍ତ କରାଯାଇଛି, ସେମାନଙ୍କୁ ଜମିର ବିକାଶ, ଜମିର ଉତ୍ପାଦନ କ୍ଷମତା, ମୌଳିକ ସୁବିଧା ସୁଯୋଗ ତଥା ଜୀବିକା ***(ର ଉନ୍ନତି)*** ନିମନ୍ତେ ଅନ୍ୟାନ୍ୟ ପଦକ୍ଷେପ ଅନ୍ତର୍ଭୁକ୍ତ ଥିବା ସମସ୍ତ ସରକାରୀ ଯୋଜନା (scheme) ର ସୁବିଧା ସୁଯୋଗ ପ୍ରଦାନ କରାଯିବ ।

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**

ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)

ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

14. ପୂର୍ବୋକ୍ତ ନିୟମାବଳୀର, ପରିଶିଷ୍ଟ-I ରେ, ଫର୍ମ-ଖ (B) ପରେ ନିମ୍ନୋକ୍ତ ଫର୍ମ ସଂଯୁକ୍ତ ହେବ, ଯଥା:

**ଫର୍ମ - C (ଗ)**

**ଗୋଷ୍ଠୀ ଜଙ୍ଗଲ ସମ୍ପଦ ଉପରେ ଅଧିକାର ଦାବିର ଫର୍ମ**

[ଅଧିନିୟମର ଧାରା 3 (1) ଏବଂ ନିୟମ 11 (1) ତଥା 4 (a) ଦ୍ରଷ୍ଟବ୍ୟ]

୧. ଗ୍ରାମ/ଗ୍ରାମସଭା :

୨. ଗ୍ରାମ ପଞ୍ଚାୟତ :

୩. ତହସିଲ/ତାଲୁକା :

୪. ଜିଲ୍ଲା :

୫. ଗ୍ରାମସଭାର ସଦସ୍ୟମାନଙ୍କ ନାମ (ପ୍ରତ୍ୟେକ ସଦସ୍ୟଙ୍କ ନାମ ପରେ ସେ ଅନୁସୂଚିତ ଜନଜାତିର କି ଅନ୍ୟାନ୍ୟ ପାରମ୍ପରିକ ବନବାସୀ, ତାହା ଏକ ପୃଥକ୍ କାଗଜରେ ଉଲ୍ଲେଖ କରି ସଂଲଗ୍ନ କରନ୍ତୁ)

*ଅଳ୍ପ କେତେଜଣ ଅନୁସୂଚିତ ଜନଜାତି/ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଉପସ୍ଥିତି ଦାବି ଉପସ୍ଥାପନ କରିବା ଲାଗି ଯଥେଷ୍ଟ ହେବ ।*

ଆମ୍ଭେ, ଏହି ଗ୍ରାମସଭାର ନିମ୍ନ ସ୍ୱାକ୍ଷରକାରୀ ଅଧିବାସୀଗଣ, ଏତଦ୍ୱାରା ଅନୁମୋଦନ କରୁଅଛୁ ଯେ ନିମ୍ନରେ ତଥା ସଂଲଗ୍ନ ମାନଚିତ୍ରରେ ବିଶଦ ବିବରଣୀ ଦିଆଯାଇଥିବା ଅଞ୍ଚଳ ଆମର ଗୋଷ୍ଠୀ ଜଙ୍ଗଲ ସମ୍ପଦ ଅଟେ ଯାହା ଉପରେ ଆମେ ଧାରା 3 (1) (i) ଅନୁଯାୟୀ ଆମର ଜଙ୍ଗଲ ଅଧିକାରର ମାନ୍ୟତା ଦାବି କରୁଅଛୁ ।

[ଗୋଷ୍ଠୀ ଜଙ୍ଗଲ ସମ୍ପଦର ଏକ ମାନଚିତ୍ର ସଂଲଗ୍ନ କରନ୍ତୁ ଯେଉଁଥିରେ ସ୍ଥାନ, ଗ୍ରାମର ପାରମ୍ପରିକ ଅଥବା ପ୍ରଥାନୁମୋଦିତ ସୀମା ମଧ୍ୟରେ କିମ୍ବା ଚାରକ ଗୋଷ୍ଠୀଙ୍କ କ୍ଷେତ୍ରରେ ସେମାନେ ପାରମ୍ପରିକ ଭାବେ ଋତୁଭିତ୍ତିକ ବ୍ୟବହାର କରୁଥିବା ଏବଂ ଚିରସ୍ଥାୟୀ ଉପଯୋଗ ଉଦ୍ଦେଶ୍ୟରେ ସୁରକ୍ଷିତ, ପୁନରୁଜ୍ଜୀବିତ, ସଂରକ୍ଷିତ ତଥା ପରିଚାଳିତ କରିଆସୁଥିବା ଭୂଖଣ୍ଡ (landscape) ମଧ୍ୟରେ ରହିଥିବା ସ୍ଥୂଳଚିହ୍ନ (land mark) ଦର୍ଶାନ୍ତୁ । ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହା ବର୍ତ୍ତମାନର ଆଇନାନୁମୋଦିତ ସୀମା ସହିତ ସମାନ ହେବା କିଛି ଆବଶ୍ୟକ ନୁହେଁ ।]

6. ଖାସ୍ରା/କମ୍ପାଟମେଣ୍ଟ ସଂଖ୍ୟା, ଯଦି ଥାଏ ଏବଂ ଜଣାଥାଏ:

7. ସୀମାନ୍ତବର୍ତ୍ତୀ ଗ୍ରାମ ସମୂହ :

i)

ii)

iii)

[ଏଥିରେ ଅନ୍ୟ କୌଣସି ଗ୍ରାମକୁ ସମ୍ପଦରେ ***(ଉପଭୋଗ)*** ତଥା ***(ସୁରକ୍ଷା/ପରିଚାଳନା ଆଦି)*** ଦାୟିତ୍ୱରେ ଭାଗୀଦାର/ଅଂଶୀଦାର କରିବା ସମ୍ପର୍କିତ ତଥ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ ।]

8. ***(ଦାବିର)*** ସମର୍ଥନରେ ତଥ୍ୟ ପ୍ରମାଣର ସୂଚୀ (ନିୟମ 13 ଦ୍ରଷ୍ଟବ୍ୟ)

**ଦାବିଦାରଙ୍କର (ମାନଙ୍କର) ସ୍ୱାକ୍ଷର/ଟିପଚିହ୍ନ**

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**

ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)

ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

15. ପୂର୍ବୋକ୍ତ ନିୟମାବଳୀର, ପରିଶିଷ୍ଟ-III ପରେ, ନିମ୍ନୋକ୍ତ ପରିଶିଷ୍ଟ ଯୋଗ କରାଯିବ, ଯଥା:

**ପରିଶିଷ୍ଟ - IV**

**ଗୋଷ୍ଠୀ ଜଙ୍ଗଲ ସମ୍ପଦର ଅଧିକାର-ପତ୍ର**

[ନିୟମ 8 (i) ଦ୍ରଷ୍ଟବ୍ୟ]

1. ଗ୍ରାମ/ଗ୍ରାମସଭା :
2. ଗ୍ରାମ ପଞ୍ଚାୟତ :
3. ତହସିଲ/ତାଲୁକା :
4. ଜିଲ୍ଲା :
5. ଅନୁସୂଚିତ ଜନଜାତି/ଅନ୍ୟାନ୍ୟ ପାରମ୍ପରିକ ବନବାସୀ : ଅନୁସୂଚିତ ଜନଜାତି ଗୋଷ୍ଠୀ/ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଗୋଷ୍ଠୀ/ଉଭୟ
6. ସୁସ୍ପଷ୍ଟ ସ୍ଥୂଳଚିହ୍ନ ଦ୍ୱାରା ତଥା ଖାସ୍ରା/କମ୍ପାର୍ଟମେଣ୍ଟ ସଂଖ୍ୟା ଦ୍ୱାରା, ପ୍ରଥାନୁମୋଦିତ ଚୌହଦି (boundary) ସମେତ ଚୌହଦିଗୁଡ଼ିକର ବିବରଣୀ

ଉପରୋକ୍ତ ଅଞ୍ଚଳ ମଧ୍ୟରେ, ଏହି ଜନଗୋଷ୍ଠୀ ଅଧିନିୟମର ଧାରା 3 (1) (i) ଅନୁଯାୟୀ ପରମ୍ପରାକ୍ରମେ ସେମାନେ ଚିରସ୍ଥାୟୀ ଉପଯୋଗ ନିମନ୍ତେ ସୁରକ୍ଷିତ ଓ ସଂରକ୍ଷିତ କରି ଆସୁଥିବା ଏହି (ନାମିତ କରାଯିବ) ଗୋଷ୍ଠୀ ଜଙ୍ଗଲ ସମ୍ପଦର ସୁରକ୍ଷା, ପୁନର୍ଜନନ ଅଥବା ସଂରକ୍ଷଣ ଅଥବା ପରିଚାଳନାର ଅଧିକାର ପାଇଅଛନ୍ତି । ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ ତଥା ତଦାଧୀନ ନିୟମାବଳୀ ଅନ୍ତର୍ଗତ ସର୍ତ୍ତ ବ୍ୟତୀତ ଏହି ଅଧିକାର ଉପରେ ଅନ୍ୟ କୌଣସି ସର୍ତ୍ତ ଲାଗୁ କରାଯାଉନାହିଁ ।

ଆମ୍ଭେ, ନିମ୍ନ ସ୍ୱାକ୍ଷରକାରୀଗଣ, ଏତଦ୍ୱାରା, ସରକାରଙ୍କ ପାଇଁ ତଥା ପକ୍ଷରୁ ଉପରୋକ୍ତ ଗ୍ରାମସଭା/ଜନଗୋଷ୍ଠୀଙ୍କୁ ମିଳିଥିବା ଅଧିକାର-ପତ୍ର (title)ରେ ଉଲ୍ଲିଖିତ ଗୋଷ୍ଠୀ ଜଙ୍ଗଲ ସମ୍ପଦ (ଯାହାକୁ ନାମିତ କରାଯିବ ଏବଂ ତା'ର ବିସ୍ତୃତି, ପରିମାଣ, କ୍ଷେତ୍ରଫଳ-ଯେଉଁଟି ପ୍ରଯୁଜ୍ୟ ହେବ, ତାହା ନିର୍ଦ୍ଦିଷ୍ଟ କରାଯିବ)କୁ ଅନୁମୋଦନ ପୂର୍ବକ ସ୍ୱାକ୍ଷର କରୁଅଛୁ ।

**(ବନଖଣ୍ଡ ଅଧିକାରୀ)/ଉପ ବନସଂରକ୍ଷକ** **(ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ)**

**(ଜିଲ୍ଲାପାଳ/ଡେପୁଟି କମିଶନର)**

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

## ପରିଶିଷ୍ଟ - V

## ତ୍ରୈମାସିକ ବିବରଣୀ ପ୍ରଦାନର ପ୍ରପତ୍ର (format)

[ନିୟମ 10 (c) ଦ୍ରଷ୍ଟବ୍ୟ]

| | | |
|---|---|---|
| 1. | ରାଜ୍ୟର ନାମ | |
| 2. | ଦାବିଗୁଡ଼ିକର ସ୍ଥିତି | |
| a) | ବ୍ୟକ୍ତିଗତ ଅଧିକାର | |
| | • ଆବେଦନ କରାଯାଇଛି | |
| | • ଗୃହୀତ ହୋଇଛି | |
| | • ଅଗ୍ରାହ୍ୟ ହୋଇଛି | |
| | • ବିଚାରାଧୀନ ଅଛି | |
| | • ଅଗ୍ରାହ୍ୟ ହେବାର କାରଣ, ଉଦାହରଣ ସହିତ | |
| | • ପରାମର୍ଶ ଦିଆଯାଇଥିବା ସଂଶୋଧନକାରୀ ପଦକ୍ଷେପ | |
| | • ଅନ୍ୟ କୌଣସି ମତାମତ | |
| | • ପରିସରଭୁକ୍ତ ଜଙ୍ଗଲାଞ୍ଚଳର ବିସ୍ତୃତି (ହେକ୍ଟରରେ) | |
| | • ଅଧିନିୟମର ଧାରା ଅଧୀନରେ ବନ ବିଭାଗୀୟ ତଥା ରାଜସ୍ୱ ବିଭାଗୀୟ ରେକର୍ଡ଼ ଅଧୁନାତନ କରାଯିବାର ସ୍ଥିତି (ହେକ୍ଟରରେ) | |

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨

| | | |
|---|---|---|
| b) | ଗୋଷ୍ଠୀ ଜଙ୍ଗଲ ଅଧିକାର | |
| | • ଆବେଦନ କରାଯାଇଛି | |
| | • ଗୃହୀତ ହୋଇଛି | |
| | • ଅଗ୍ରାହ୍ୟ ହୋଇଛି | |
| | • ବିଚାରାଧୀନ ରହିଛି | |
| | • ପରିସରଭୁକ୍ତ ଜଙ୍ଗଲାଞ୍ଚଳର ବିସ୍ତୃତି | |
| | • ଅଧିନିୟମର ଧାରା 3 (1) (b)ରୁ 3 (1) (*l*) ଅନୁଯାୟୀ ବ ବିଭାଗୀୟ ଓ ରାଜସ୍ୱ ବିଭାଗୀୟ ରେକର୍ଡ଼କୁ ଅଧୁନାତନ କରିବାର ସ୍ଥିତି (ହେକ୍ଟରରେ) | |
| | • ଅଗ୍ରାହ୍ୟ ହେବାର କାରଣ, ଉଦାହରଣ ସହିତ | |
| | • ପରାମର୍ଶ ଦିଆଯାଇଥିବା ସଂଶୋଧନକାରୀ ପଦକ୍ଷେପ | |
| | • ଅନ୍ୟ କୌଣସି ମତାମତ | |
| c) | ପରିଚାଳନା କରାଯାଉଥିବା ଗୋଷ୍ଠୀ ଜଙ୍ଗଲ ସମ୍ପଦର ବିବରଣୀ ଏବଂ କାହାଦ୍ୱାରା ପରିଚାଳିତ ହେଉଛି | |
| d) | କୁଶଳ କାର୍ଯ୍ୟ ପ୍ରଣାଳୀ (good practice), ଯଦି କିଛି ଥାଏ | |
| e) | ଅଧିନିୟମର ଧାରା 3 (2) ଅଧୀନରେ ହସ୍ତାନ୍ତରିତ (ଜଙ୍ଗଲର) କ୍ଷେତ୍ରଫଳ (ହେକ୍ଟରରେ) | |

| | | |
|---|---|---|
| e) (ପ୍ରକୃତରେ ଏହା f ହେବ) | ଅନ୍ୟ କୌଣସି ମନ୍ତବ୍ୟ | |

**(ଅଧ୍ୟକ୍ଷ)**
**ରାଜ୍ୟସ୍ତରୀୟ ତଦାରଖ କମିଟି**

**(ସଦସ୍ୟ ସଚିବ)**
**ରାଜ୍ୟସ୍ତରୀୟ ତଦାରଖ କମିଟି**

[F No. 23011/32/2010/Vol.11)
ଡ଼. ସାଧନା ରାଉତ, ସଂଯୁକ୍ତ ସଚିବ

**ଟୀକା :** ମୁଖ୍ୟ ନିୟମାବଳୀ ଭାରତ ସରକାରଙ୍କ ରାଜପତ୍ର, ଅସାଧାରଣ, ଭାଗ- II, ଅନୁଚ୍ଛେଦ 3,ଉପାନୁଚ୍ଛେଦ (i), ଦ୍ରଷ୍ଟବ୍ୟ ସଂଖ୍ୟା G.S.R. 1 (E) ତା' ୧ ଜାନୁଆରୀ, ୨୦୦୮ରେ ପ୍ରକାଶିତ ।

ଇଂରାଜୀରେ ପ୍ରକାଶିତ ମୂଳ ବିଜ୍ଞପ୍ତିକୁ ଓଡ଼ିଆରେ ବୋଧଗମ୍ୟ କରିବା ଲାଗି ଆବଶ୍ୟକ ସ୍ଥଳେ ସରଳାର୍ଥ/ ମନ୍ତବ୍ୟ ବନ୍ଧନୀ ମଧ୍ୟରେ ଗାଢ଼ (bold) ତଥା ତୀର୍ଯ୍ୟକ (itallic) ଅକ୍ଷରରେ ଦିଆଯାଇଛି ଯଦିଓ ମୂଳ ବିଜ୍ଞପ୍ତିରେ ତାହା ନାହିଁ । ପୁଣି ମଧ୍ୟ, କେତେକ ଓଡ଼ିଆ ଶବ୍ଦର ମୂଳ ଇଂରାଜୀ ମଧ୍ୟ ବନ୍ଧନୀ ମଧ୍ୟରେ ଦିଆଯାଇଛି ଯଦ୍ୱାରା ଅନୁବାଦଗତ ସାଙ୍ଗତ୍ୟ (correspondence) ଜାଣିହେବ ।

**ଜନସ୍ୱାର୍ଥ ଦୃଷ୍ଟିରୁ ଆର୍.ସି.ଡି.ସି. ଦ୍ୱାରା ଅନୂଦିତ, ମୁଦ୍ରିତ ଓ ବିତରିତ**

RCDC

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**
ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)
ଫୋନ୍ : ୯୧-୬୭୪-୨୫୪୫୨୫୦, ଫାକ୍ସ : ୯୧-୬୭୪-୨୫୪୫୨୫୨